

ଏହି ବହିଟିକୁ ତିଆରି କରିବା ପାଇଁ ବି କେତୋଟି ଗଛକୁ
କାଟିବାକୁ ପଡ଼ିଛି । ତେଣୁ ଆମେ ଦୁଃଖିତ ।

ଗଛ ଓ ସ୍ୱର୍ଗ

ଜିଆନ୍ ଜିଓନୋ

ଖୁସିରେ ପଢ଼ିବା ଅଭିଯାନ
ଭାରତ ଜ୍ଞାନ ବିଜ୍ଞାନ ସମିତି

ଗଛ ଓ ସ୍ୱର୍ଗ

ମୂଳଲେଖା	:	ଜିଆନ୍ ଜିଓନୋ
ଓଡ଼ିଆ ଅନୁରଚନା	:	ବିନୟକୃଷ୍ଣ ପଟ୍ଟନାୟକ
ଅଙ୍କନ	:	ମାଇକେଲ୍ ମାକର୍ଡ଼ି
ପ୍ରକାଶକ	:	**ଭାରତ ଜ୍ଞାନ ବିଜ୍ଞାନ ସମିତି** ସି-୨, ହାଉସିଂ ବୋର୍ଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ ଫୋନ୍ : (୦୬୭୪) ୪୭୦୮୯୧
ଅଙ୍ଗସଜ୍ଜା ଓ ମୁଦ୍ରଣ	:	ପଦ୍ମା କମର୍ସିଆଲ
ମୂଲ୍ୟ	:	ତିନି ଟଙ୍କା ମାତ୍ର
ପ୍ରକାଶ କାଳ	:	ଜାନୁଆରୀ ପହିଲା ୧୯୯୭

ଏହି ପୁସ୍ତିକାଟି **ଖୁସିରେ ପଢ଼ିବା ଅଭିଯାନ** (Jan Vachan Andolan) ପାଇଁ ପ୍ରସ୍ତୁତ କରାଯାଇଛି । ସମିତି ତରଫରୁ ଏହା ଏକ ଦେଶବ୍ୟାପୀ ଉଦ୍ୟମ । ଆମର ଲକ୍ଷ୍ୟ- ଓଡିଶାର ଗାଁ ଗହଳିରେ ଲୋକଙ୍କର ପଠନ ରୁଚିକୁ ତେଜିବା ଓ ଏକ ପାଠାଗାର ଆନ୍ଦୋଳନକୁ ସକ୍ରିୟ କରିବା ।

• ***Original English*** *: The Man who planted Trees.* • ***Author*** *: Jean Giono.* • ***Wood Engraving*** *: Michael McCurdy.* • ***Oriya Transcreation*** *: Binaya Krushna Pattanayak.* • ***Publisher*** *: B G V S, Orissa.* • ***Price*** *: Rs. 3.00 Only.* • ***Publication Period*** *: Ist January 1997.*

କୌଣସି ଲୋକର ମଣିଷପଣିଆକୁ ଠିକ୍ ଭାବରେ ମାପିବା ପାଇଁ.... ତାଙ୍କର କାର୍ଯ୍ୟକଳାପକୁ ଅନେକ ସମୟ ଯାଏଁ ଯାଞ୍ଚ କରିବାକୁ ପଡ଼େ । ସେ ଯଦି ଫଳ ପାଇବାର ଆଶା ନରଖି ଅନ୍ୟର ଭଲ ପାଇଁ ଲାଗି ରହେ ? ଏହାଠୁ ବଳି ଭଲ ଆଉ କ'ଣ ବା ହୋଇପାରେ ! ମୁଁ ଆପଣଙ୍କୁ ଏବେ ଜଣେ ଲୋକଙ୍କର କାହାଣୀ ଶୁଣାଇବାକୁ ଯାଉଛି । ସେ ନିଜର ପରିଶ୍ରମ ଓ ଚେଷ୍ଟା ଦ୍ୱାରା ପୃଥିବୀର ରୂପକୁ ବଦଳାଇ ଦେଇପାରିଥିଲେ ।

କଥାଟି ବେଶ୍ ପୁରୁଣା । ଆଜିକୁ ପ୍ରାୟ ଚାଳିଶ ବର୍ଷ ତଳେ ମୁଁ ଫଉଜରେ ଭର୍ତ୍ତି ହୋଇଥିଲି । ବର୍ଷକର ତାଲିମ ପରେ ମତେ ପନ୍ଦର ଦିନ ଛୁଟି ମିଳିଥିଲା । ଛୁଟିରେ ଘରକୁ ଫେରିବା ବଦଳରେ ମୁଁ ବୁଲାବୁଲି କରିବାକୁ ଠିକ୍ କଲି । ମୋ ଫଉଜ-ଥଳୀରେ କିଛି ଖାଇବା ଜିନିଷ ଓ ପାଣି ବୋତଲ ଭରି ମୁଁ ବୁଲିବାକୁ ବାହାରିଲି । ଯେଉଁ ଇଲାକାରେ ପହଞ୍ଚିଲି, ସେଠାକୁ ଆଗରୁ ମୁଁ କେବେ ଯାଇ ନଥିଲି କି ଜାଣି ବି

ନଥିଲି। ଏହା ଥିଲା ଏକ ଉଚ୍ଚ ପାହାଡ଼ିଆ ଭୂଇଁ । ଆଗରୁ ଏଠାରେ କୌଣସି ପର୍ଯ୍ୟଟକ ବି ପାଦ ପକାଇ ନଥିଲେ । ମୁଁ ଏକା ଚାଲିଥାଏ । ଏହା ପୂରାପୂରି ମରୁ ଇଲାକା ଥିଲା । ସବୁଆଡ଼େ ଶୁଖିଲା ଓ ମାଟିଆ ରଙ୍ଗର ଦେଖାଯାଉଥିଲା । ମଝିରେ ମଝିରେ ହଳଦିଆ ବା ମାଟିଆ ରଙ୍ଗର ଛୋଟ ଛୋଟ କଣ୍ଟାଳିଆ ଗଛ ଥିଲା । ବାକି ଜାଗାରେ ଶୁଖିଲା ଘାସ ଛଡ଼ା ଆଉ କିଛି ଉଠି ନଥିଲା ।

ଏହି ଇଲାକାରେ ଚାଲୁ ଚାଲୁ ଦୁଇ ଦିନ ବିତିଗଲା । ଇଲାକାଟି ଯଥେଷ୍ଟ ପ୍ରଶସ୍ତ ଥିଲା । ସବୁଆଡ଼େ ନୀରବତା ଛାଇ ରହିଥିଲା । ମୁଁ ଯେଉଁଠି ଠିଆ ହୋଇଥିଲି, ସେଠାରେ ଆଗରୁ ବୋଧେ ଗାଁଟିଏ ଥିଲା । ଗୋଟିଏ ମୁଣ୍ଡିଆ ଉପରେ ଛଅ ସାତଟି ଘର ଥିଲା । ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା । ଏହାକୁ ଦେଖି ମତେ ଲାଗିଲା - ଏହାର ଆଖପାଖରେ କେଉଁଠି ନିଶ୍ଚୟ କୂଅ ବା ଝରଣାଟିଏ ଥିବ । କିଛି ସମୟ ଖୋଜିବା ପରେ ମୁଁ ସତରେ ଗୋଟିଏ ନାଳ ଦେଖିପାରିଲି । କିନ୍ତୁ ଏହା ଏବେ ଶୁଖିଯାଇଥିଲା । ସେଠାରେ କିଛି ସମୟ ବିଶ୍ରାମ ନେବାକୁ ଠିକ୍ କଲି । ମୋର ପାଣି ସରି ଯାଇଥିଲା ଓ ଶୋଷରେ ତଣ୍ଟି ଶୁଖି ଯାଉଥାଏ । ଗାଁର ଗୋଟିଏ କୋଣରେ ଗୋଟିଏ ଭଙ୍ଗା ମନ୍ଦିର ବି ଦେଖିବାକୁ ମିଳିଲା । କିନ୍ତୁ ଏବେ ସେଠାରେ କେହି ବି ରହୁ ନଥିଲେ ।

ଏହା ଜୁନ୍ ମାସର ଏକ ସୁନ୍ଦର ସମୟ ଥିଲା । ଉଜ୍ଜ୍ୱଳ ସୂର୍ଯ୍ୟ ଆକାଶରେ ଝଲସୁ ଥିଲା । ଅଚଷା ଭୂଇଁଟି ତାତି ଉଠୁଥାଏ । ଉପର ସ୍ତରରେ ପବନ ତୀବ୍ର ବେଗରେ ବହୁଥାଏ । ଧୂଳି ଉଡ଼ି ସବୁଆଡ଼େ ବିଛାଇ ହୋଇଯାଉଥାଏ । ଖାଲି ଘରର ଛାତରେ ଘଷି ହୋଇ ପବନ ଏକ ବିଚିତ୍ର ଶବ୍ଦ ଶୁଣାଉଥାଏ । ମନେ ହେଉଥାଏ ଯେପରି ଗୋଟିଏ ଘାଇଲା ସିଂହ ବାଧା ପାଇ ଗର୍ଜନ କରୁଛି । ଏହି ଉଦାସ ପରିବେଶରେ ମୁଁ ବେଶୀ ସମୟ ତିଷ୍ଠି ପାରିଲି ନାହିଁ ।

ପାଞ୍ଚ ଘଣ୍ଟା କାଳ ଚାଲିଲି । ତଥାପି ବି ମୁଁ କେଉଁଠି ପାଣି ପାଇ ପାରିଲି ନାହିଁ । କେଉଁଠି ପାଇବାର କୌଣସି ଆଶା ବି ଦେଖା ଯାଉ

ନଥାଏ । ଚାରିଆଡ଼େ ସେହି ଶୁଖିଲା ଭୂଇଁରେ କଣ୍ଟାଳିଆ ବୁଦା ଛଡ଼ା ଆଉ କିଛି ଦେଖିବାକୁ ମିଳୁ ନଥାଏ । ଏତିକି ବେଳେ ଦୂରରେ ମୁଁ କଳା ରଙ୍ଗର ଗୋଟିଏ ଛୋଟ ମୁଣ୍ଡିଆ ଦେଖିଲି । ଦୂରରୁ ମତେ ତାହା ଏକ ଗଛର ଗଣ୍ଡି ପରି ମନେ ହେଲା । ମୁଁ ସେହି ଆଡ଼କୁ ଚାଲିବାରେ ଲାଗିଲି । ପାଖରେ ପହଞ୍ଚି ଦେଖିଲି, ସେ ଜଣେ ମେଷପାଳକ । ତାଙ୍କ ଚାରିପାଖରେ ଶୁଖିଲା ମାଟି ଉପରେ ତିରିଶଟି ମେଣ୍ଢା ଶୋଇଥିଲେ ।

ତାଙ୍କ ଲାଉ ତୁମ୍ୱାରୁ ସେ ମତେ ପାଣି ପିଆଇଲେ । କିଛି ସମୟ ପରେ ମୋତେ ତାଙ୍କ ଘରକୁ ନେଇଗଲେ । ଗୋଟିଏ ପ୍ରାକୃତିକ କୂଅରୁ ପାଣି କାଢ଼ିଲେ । ଗଭୀର କୂଅଟିରୁ ପାଣି କାଢ଼ିବା ପାଇଁ ସେ ଗୋଟିଏ ପୁରୁଣାକାଳିଆ କାଠ ଅରଟ ଲଗାଇଥିଲେ । ସେ କଥା ଖୁବ୍ କମ୍ କହୁଥିଲେ । ସେ ଏକଲା ରହିବାଟା ଏହାର କାରଣ ହୋଇ ଥାଇପାରେ । ତାଙ୍କ ସାଙ୍ଗରେ ଗପିବାକୁ କେହି ବି ନଥିଲେ । କିନ୍ତୁ ତାଙ୍କର

ଆତ୍ମବିଶ୍ୱାସକୁ ଦେଖି ମନେ ହେଉଥିଲା ଯେ, ତାଙ୍କର ବୁଝାମଣା ପୂରା ପାକଳ । ଏହି ନିଛାଟିଆ ଶୁଖିଲା ଭୂଇଁରେ ଏହା ମୁଁ ଆଶା କରି ପାରୁ ନଥିଲି । ଏପରି ଏକ ଇଲାକାରେ ତାଙ୍କୁ ଭେଟିବା କଥା ମୁଁ ସ୍ୱପ୍ନରେ ବି ଭାବି ପାରୁ ନଥିଲି । ସେ ଗୋଟିଏ ପକ୍କା ଘରେ ଏକଲା ରହୁଥିଲେ । ଆଖପାଖରୁ ପଥର ଯୋଡ଼ି ସେ ନିଜେ ଏହି ଘରଟି ବନାଇଥିଲେ ।

ଘରର ସବୁ ଘରର ଛାତଟି ମଜବୁତ୍ ଥିଲା । ଛାତଟିରେ ପବନ ଘଷି ହୋଇ ସାଏଁ ସାଏଁ ଶବ୍ଦ ସୃଷ୍ଟି କରୁଥିଲା ।

ଘରର ସବୁ ଜିନିଷ ସଫା ଓ ସଜଡ଼ା ଥିଲା । ବାସନଗୁଡ଼ିକ ଧୂଆ ହୋଇଥିଲା । ଚଟାଣଟି ଝାଡୁରେ ସଫା କରା ଯାଇଥିଲା । ବନ୍ଧୁକରେ ତେଲ ଦିଆଯାଇଥିଲା । ଚୂଲିରେ ତରକାରୀ ସିଝୁଥାଏ । ସେ ନିଜ ଦାଢ଼ି ଖିଅର ହୋଇଥିଲେ । ଜାମାରେ ସବୁ ବୋତାମ ଠିକ୍ ଭାବରେ ସିଲା ହୋଇଥିଲା । ଲୁଗାପଟାଗୁଡ଼ିକୁ ଠିକ୍ ରୂପେ ସିଲା ଯାଇଥିଲା । ସିଲା ଛାପ ବାହାରକୁ ଦେଖା ଯାଉ ନଥିଲା । ସେ ମୋତେ ତାଙ୍କ ଖାଦ୍ୟରୁ ଅଧା ଦେଲେ । ମୁଁ ତାଙ୍କୁ ମୋ ସିଗାରେଟ୍ ଯାଚିଲି । କିନ୍ତୁ ସେ ମନା କରି କହିଲେ, ସେ ସିଗାରେଟ୍ ପିଅନ୍ତି ନାହିଁ । ତାଙ୍କ କୁକୁରଟି ବି ତାଙ୍କ ପରି ଚୁପ୍‌ଚାପ୍ ଥିଲା । ସେ କିନ୍ତୁ ବେଶ୍ ସଙ୍ଗପ୍ରେମୀ ଓ ଖେଳୁଆଡ଼ ଥିଲା ।

ପ୍ରଥମ ଭେଟରୁ ହିଁ ମତେ ଲାଗିଲା, ସେଠାରେ ରାତିଟି ବିତାଇବା ପାଇଁ ସେ ମତେ ଅନୁମତି ଦେଇ ସାରିଛନ୍ତି । କାରଣ ପାଖ ଗାଁଟି ସେଠାରୁ ପ୍ରାୟ ଦେଢ଼ ଦିନ ଦୂରରେ ଥିଲା । ତେଣୁ ଭଲ ହେଲା । ଆଜି ମୁଁ ମୋର ଥକିଲା ଗୋଡ଼ ଦୁଇଟିକୁ କିଛି ବିଶ୍ରାମ ଦେଇ ପାରିଲି । ଏହି ଅଂଚଳର ଗାଁଗୁଡ଼ିକର ଅବସ୍ଥା ବିଷୟରେ ମୁଁ ଏକ ମୋଟାମୋଟି ଧାରଣା କରି ପାରିଥିଲି । ଏହି ପାହାଡ଼ି ଇଲାକାରେ ଦୂର ଦୂରାନ୍ତରେ କେତୋଟି ଛୋଟ ଛୋଟ ବସ୍ତି ଥିଲା । ବସ୍ତିଗୁଡ଼ିକ ମାଟି ରାସ୍ତା ଦ୍ୱାରା ଯୋଡ଼ା ଥିଲା । ବସ୍ତିର ଲୋକମାନେ କାଠ ଜାଳି କୋଇଲା ଏକାଠି କରୁଥିଲେ । କୋଇଲା ପାଇବା ପାଇଁ ସେମାନେ ଆଖ ପାଖର ସବୁ ଗଛକୁ କାଟି ପକାଉଥିଲେ । ପବନକୁ ବାଧାଦେବା ପାଇଁ ଆଖପାଖରେ କେଉଁଠି ବି ଗଛ ନଥିଲା । ପବନରେ ଯଥେଷ୍ଟ ଧୂଳି ମିଶି ରହିଥିଲା । କୋଇଲା ଛଡ଼ା ଅନ୍ୟ କାମରେ ବିଶେଷ ଲାଭ ନଥିଲା । କୋଇଲାକୁ ଗାଡ଼ିରେ ବୋହି ସହରକୁ ନେବାରେ ଦୁଇ ଦିନ ଲାଗି ଯାଉଥିଲା । ଏହା ବଦଳରେ ଦଲାଲମାନେ ଯେତିକି ପଇସା ଦେଉଥିଲେ, ଏଥିରେ କୋଇଲାବୁହା ଖର୍ଚ୍ଚ

ବି ଉଠୁ ନଥିଲା । କରଜ, ବେମାରୀ ଓ ଅନୁର୍ବର ଜମି ଯୋଗୁଁ କୋଇଲା ବିକି ଚଳିବା ଲୋକଙ୍କ ପରିବାରଗୁଡ଼ିକ ତିଳ ତିଳ ହୋଇ ସଢୁଥିଲେ ।

ଖାଇ ସାରିବା ପରେ ମେଷପାଳକ ଛୋଟିଆ ମୁଣିଟିଏ ବାହାର କଲେ । ଏଥିରୁ ସବୁ ମଞ୍ଜି ସେ ଟେବୁଲ୍ ଉପରେ ଅଜାଡ଼ିଦେଲେ । ବେଶ୍ ମନ ଦେଇ ସେ ଏଗୁଡ଼ିକୁ ଯାଞ୍ଚି ପରଖିବାରେ ଲାଗିଲେ । ଗୋଟି ଗୋଟି କରି ମଞ୍ଜି ଉଠାଇ ସେ ଭଲ କରି ଦେଖୁଥାନ୍ତି । ଏଥିରୁ ବାଛି ବାଛି ଭଲ ମଞ୍ଜିଗୁଡ଼ିକୁ ଗୋଟିଏ ପଟେ ରଖୁଥାନ୍ତି । ମୁଁ ସିଗାରେଟ୍‌ରୁ ଗୋଟିଏ ଦମ୍ ଟାଣି ସାରି ଭାବିଲି ମୁଁ ବି ସେହି ଭାଇଙ୍କୁ ମଞ୍ଜି ବାଛିବାରେ ସାହାଯ୍ୟ କରିବି । କିନ୍ତୁ ସେ କହିଲେ, ସେହି କାମଟି ସେ ନିଜେ ହିଁ କରିବେ । ସେ ଯେପରି ଏକମନା ହୋଇ ନିଜ କାମ କରୁଥିଲେ, ତାହା ଦେଖି ମତେ ଏଥିରେ ଉପରେ ପଡ଼ି ହାତ ମିଳାଇବାକୁ ଠିକ୍ ଲାଗିଲା ନାହିଁ । ଆମେ ଦୁଇଜଣ ମାତ୍ର ଏତିକି କଥା ହିଁ ହୋଇଥିଲୁ । ମଞ୍ଜିଗୁଡ଼ିକୁ ବାଛି ସାରିବା ପରେ ସେ ଏଥିରୁ ଭଲ ମଞ୍ଜିଗୁଡ଼ିକୁ ଦଶ ଦଶଟି କରି ଅଲଗା ରଖିଲେ । ଛୋଟ ଛୋଟ ଭାଗରେ ରଖିବା ବେଳେ ସେ ମଞ୍ଜିଗୁଡ଼ିକୁ ବେଶ୍ ଭଲ କରି ଯାଞ୍ଚ କରୁଥିଲେ । ଏପରି ଭାବରେ ସେ ଶହେଟି ଭଲ ମଞ୍ଜି ବାଛିଲେ ଓ ଏହାକୁ ଗୋଟିଏ ମୁଣିରେ ରଖିଲେ । ଏଥର ଆମେ ଶୋଇବାକୁ ଗଲୁ ।

କାହିଁକି କେଜାଣି ଏହି ଲୋକଟି ସାଙ୍ଗରେ ରହିବାରେ ଯଥେଷ୍ଟ ଶାନ୍ତି ମିଳୁଥିଲା । ତା'ପର ଦିନ ସକାଳେ ମୁଁ ସେଠାରେ ଆଉ ଦିନଟିଏ ରହି ପାରିବି କି ବୋଲି ପଚାରିଲି । ବିନା ଚିନ୍ତାରେ ସେ ମତେ ସମ୍ମତି ଦେଲେ । ମତେ ଲାଗିଲା ଯେପରି କୌଣସି କଥା ବି ତାଙ୍କୁ ବାଧା ଦେଇ ପାରିବ ନାହିଁ । ସେ ପୁଣି ନିଜ କାମରେ ଲାଗିଗଲେ । ଆଗକୁ ଆଉ କୌଣସି କଥାବାର୍ତ୍ତା ଲୋଡ଼ା ନଥିଲା । କିନ୍ତୁ ମୋ ମନରେ କୌତୂହଳ ତେଜି ଉଠିଥାଏ । ଏହି ମେଷପାଳକଙ୍କ ଜୀବନ କଥା ଜାଣିବାକୁ ଇଚ୍ଛା ହେଉଥାଏ ।

ପ୍ରଥମେ ସେ ଏହି ମଞ୍ଜିଗୁଡ଼ିକୁ ଗୋଟିଏ ଜାଗାରେ ବତୁରାଇ ଦେଲେ । ଏଥର ସେ ମେଣ୍ଢାଙ୍କ ଗୁହାଳର ଫାଟକ ଖୋଲିଲେ ଓ ଏମାନଙ୍କୁ ଚରାଇବାକୁ ନେଇଗଲେ । ମୁଁ ଦେଖିଲି ଗଉଡ଼ଙ୍କ ହାତରେ ବାଡ଼ି ବଦଳରେ ପାଞ୍ଚ ଫୁଟ ଲମ୍ବ ଲୁହା ଶାବଳଟିଏ ଥିଲା । ଶାବଳଟି ମୋ ବୁଢ଼ାଆଙ୍ଗୁଠି ମୋଟା ଥିଲା । ମୁଁ ବି ଚୁପ୍‌ଚାପ୍ ତାଙ୍କ ପଛରେ ଚାଲିଲି । ତାଙ୍କ ଚାରଣ ଭୂଇଁଟି ଗୋଟିଏ ଘାଟି ଅଂଚଳରେ ଥିଲା । ସେ କୁକୁରଟିର ଦାୟିତ୍ୱରେ ଛୋଟ ମେଣ୍ଢା ପଲଟିକୁ ଛାଡ଼ି ଦେଲେ । ମୁଁ ଠିଆ



ହୋଇଥିବା ଉଚ୍ଚା ଜାଗାଟିକୁ ସେ ଉଠି ଆସିଲେ । ମୁଁ ଡରିଗଲି କାଳେ ତାଙ୍କ କାମଦାମରେ ମୋର ଜବରଦଖଲ ପାଇଁ ସେ ମତେ ଗାଳି ଦେବେ । କିନ୍ତୁ ସେ ସେପରି କିଛି କଲେ ନାହିଁ । ସେ ନିଜ ବାଟରେ ଚାଲିଲେ । ମୋର କିଛି କରିବାର ନଥିଲା । ମତେ ସେ ସାଙ୍ଗରେ

ଯିବାକୁ ଡାକିଲେ । ମୁଁ ତାଙ୍କ ପଛେ ପଛେ ଚାଲିଲି । ସେ ପ୍ରାୟ ଶହେ ଗଜ ଦୂରରେ ଥିବା ଗୋଟିଏ ଉଚ୍ଚ ଜାଗାକୁ ଚଢ଼ିଲେ ।

ସେଠାରେ ସେ ଶାବଳରେ ମାଟି ଖୋଳି ଗାତଟିଏ କଲେ । ଗାତରେ ମଞ୍ଜିଟିଏ ପୋତିଲେ ଓ ଏହା ଉପରେ ମାଟି ଭରିଦେଲେ । ସେ କେବଳ ଦେଶୀ ଗଛର ମଞ୍ଜି ସବୁ ବୁଣୁଥିଲେ । ମୁଁ ପଚାରିଲି ସେହି ଜାଗା କ'ଣ ତାଙ୍କର ? ତାଙ୍କୁ ଏହା ବି ଜଣା ନଥିଲା, ସେହି ଜମି କାହାର । ବୋଧହୁଏ ଏହା ଗାଁଟିର ସାମୂହିକ ଜମି ଥିଲା ବା ଏପରି କୌଣସି ଲୋକଙ୍କର ଥିଲା ଯେ ଏହି ବିଷୟରେ ଚିନ୍ତା କରୁ ନଥିଲେ । ଏହା କାହାର ଥିଲା ତାହା ଜାଣିବାକୁ ସେ ଆଗ୍ରହୀ ନଥିଲେ । ଗଭୀର ଯତ୍ନର ସହିତ ସେ ତାଙ୍କର ଶହେଟି ମଞ୍ଜିକୁ ବୁଣି ଚାଲିଥିଲେ ।

ଖରାବେଳେ ଖାଇସାରି ସେ ପୁଣି ମଞ୍ଜି ବୁଣିବାରେ ଲାଗିଲେ । ମୁଁ ତାଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ଚାଲିଥିଲି । ଶେଷରେ ମୁଁ ଏହି ବିଷୟରେ କିଛି ଖବର ପାଇଲି । ଏହି ନିଛାଟିଆ ଜାଗାଟିରେ ସେ ଗତ ତିନି ବର୍ଷ ହେଲା ଏପରି ଏକତରଫା ମଞ୍ଜି ବୁଣି ଚାଲିଥିଲେ । ସେ ଏ ଯାଏଁ ଲକ୍ଷେ ମଞ୍ଜି ବୁଣି ସାରିଥିଲେ । ଏହି ଏକ ଲକ୍ଷ ମଞ୍ଜିରୁ କେବଳ କୋଡ଼ିଏ ହଜାରଟି ହିଁ ଗଛ ହୋଇଥିଲା । ତାଙ୍କୁ ମନେ ହେଉଥିଲା, ଏହି କୋଡ଼ିଏ ହଜାରରୁ ଅଧା ହିଁ ଜିଇଁବ । ଅଧା ଗଛ ପ୍ରାକୃତିକ ଅସୁବିଧାର ଶିକାର ହେବ ବା ଏଗୁଡ଼ିକର ମୂଳକୁ ମୂଷା କାଟି ପକାଇବେ । କିନ୍ତୁ ଯେଉଁଠି ଆଗ କିଛି ବି ନଥିଲା, ସେଠାରେ ଏବେ ଅତି କମ୍‌ରେ ଦଶ ହଜାରଟି ଗଛ ତ ବଞ୍ଚିଯିବ ।

ଏ ସବୁ ଶୁଣିବା ପରେ ମୁଁ ସେହି ମଣିଷ ଜଣଙ୍କର ବୟସ କଳିବାକୁ ଚେଷ୍ଟା କଲି । ତାଙ୍କୁ ପଚାଶ ବର୍ଷରୁ ବେଶୀ ନିଶ୍ଚୟ ହୋଇଥିଲା । ସେ ନିଜେ ମତେ କହିଲେ, ତାଙ୍କ ବୟସ ପଞ୍ଚାବନ ବର୍ଷ । ଗୋଟିଏ ସମୟରେ ତରାଇର ଖାଲୁଆ ଅଂଚଳରେ ତାଙ୍କର ଖେତବାଡ଼ି ଥିଲା । କିନ୍ତୁ ଅଚାନକ ତାଙ୍କର ଏକମାତ୍ର ପୁଅ ଓ ପରେ ପରେ ତାଙ୍କ ସ୍ତ୍ରୀ ସଂସାରରୁ ଚାଲିଗଲେ । ଏହା ତାଙ୍କୁ ଏକ ଶକ୍ତ ଧକ୍କା ଦେଲା ।



ସେହି ଦିନ ଠାରୁ ଏକାନ୍ତ ବାସ କରିବା ପାଇଁ ନିଜ କୁକୁର ଓ ମେଣ୍ଢାଙ୍କ ସହିତ ସେ ଏହି ଇଲାକାକୁ ଚାଲି ଆସିଲେ । ତାଙ୍କର ମତ ଥିଲା ଯେ ଗଛ ଅଭାବରୁ ଏଠାକାର ଭୂଇଁ ଧୀରେ ଧୀରେ ମରିଯାଉଛି । ତାଙ୍କର ଆଉ କୌଣସି ଜରୁରୀ କାମଦାମ ନଥିଲା । ତେଣୁ ଭୂଇଁର ଏହି ଖରାପ ଅବସ୍ଥାକୁ ସୁଧାରିବାକୁ ହିଁ ସେ ନିଜ କାମ ରୂପେ ବାଛିନେଲେ ।

ସେତେବେଳେ ମୁଁ ନିଜେ ଯୁବକ ଥିଲି ମନକୁ ହାଲୁକା କରିବା ପାଇଁ ଏହି ନିଛାଟିଆ ଇଲାକାଟିରେ ବୁଲିବାକୁ ବାହାରିଥିଲି । ମୁଁ ତାଙ୍କ କଥାର ମର୍ମକୁ ବୁଝି ପାରୁଥିଲି । ସେତେବେଳେ ମୁଁ ଏକଲା ଥିଲି ଓ ଏକ ଖୁସିମୟ ଭବିଷ୍ୟତର ସ୍ୱପ୍ନ ଦେଖୁଥିଲି । ମୁଁ ତାଙ୍କୁ କହିଲି ଯେ, ଆଗାମୀ ତିରିଶ ବର୍ଷରେ ସେ ଲଗାଇଥିବା ଦଶ ହଜାର ଗଛ ଏକ ଘନ ଓ ସୁନ୍ଦର ଜଙ୍ଗଲ ଗଢ଼ି ତୋଳିବ । ସେ ମୋ ପ୍ରଶ୍ନର ଏକ ସରଳ ଉତ୍ତର ଦେଲେ - ଭଗବାନ ଯଦି ତାଙ୍କୁ ଲମ୍ବା ଆୟୁଷ ଦିଅନ୍ତି, ତେବେ ସେ

ଆଗାମୀ ତିରିଶ ବର୍ଷ ଭିତରେ ଏତେ ଅଧିକ ଗଛ ଲଗାଇବେ ଯେ, ଏହି ଦଶ ହଜାର ଗଛ ସମୁଦ୍ରର ବୁନ୍ଦାଏ ପାଣି ପରି ଦେଖାଯିବ । ଏହାଛଡ଼ା ସେ କେତେକ ଫଳଗଛର ମଞ୍ଜିର ଅଙ୍କୁରଣ ବିଷୟରେ ବି ପରଖ ଚଳାଇଥିଲେ । ଏଥିପାଇଁ ସେ ନିଜ ଘର ସାମନାରେ ଗୋଟିଏ ବଗିଚା ବି ବନାଇଥିଲେ । କଣ୍ଟାବାଡ଼ ଘେରାଇ କେତେକ ଗଛକୁ ସେ ମେଣ୍ଢାଙ୍କ ଆକ୍ରମଣରୁ ସୁରକ୍ଷିତ ରଖିଥିଲେ । ସେହି ଗଛଗୁଡ଼ିକ ବେଶ୍ ଭଲ ବଢ଼ୁଥିଲା । ଖାଲୁଆ ଘାଟି ଅଂଚଳରେ ସେ ଆଉ କେତେକ ଜାତିର ମଞ୍ଜି ବୁଣିବାର ଯୋଜନା ବନାଇଥିଲେ । ଘାଟି ଭୂଇଁରେ ଅଳ୍ପ ଗଭୀରରେ ଯଥେଷ୍ଟ ପାଣି ରହିଥିଲା । ତେଣୁ ସେଠାରେ ଗଛଗୁଡ଼ିକ ଭଲ ବଢ଼ି ପାରିବାର ସମ୍ଭାବନା ଥିଲା ।

ତା'ପର ଦିନ ମୁଁ ସେହି ଜାଗା ଛାଡ଼ିଲି ।

ତା'ପର ବର୍ଷ, ୧୯୧୪ ମସିହାରେ, ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ମୁଁ ପାଞ୍ଚ ବର୍ଷ ଧରି ଲଢ଼ି ଚାଲିଲି । ଜଣେ ଫଉଜୀ ହିସାବରେ ଲଢ଼େଇ ବେଳେ ଗଛ ବିଷୟରେ ଭାବିବାକୁ ମୋ ପାଖରେ କୌଣସି ଫୁରୁସତ୍ ହିଁ ନଥିଲା । ସତ କହିବାକୁ ଗଲେ, ସେହି ଘଟଣାଟିର ମୋ ଉପରେ କୌଣସି ପ୍ରଭାବ ପଡ଼ି ନଥିଲା । ଡାକଟିକଟ ସଂଗ୍ରହ କରିବାରେ ମୋର ସଉକି ଥିଲା ଓ ମୁଁ ଏହା ଭୁଲି ସାରିଥିଲି । କିଛି ଲୋକଙ୍କର ଯେ ଗଛ ଲଗାଇବାରେ ସଉକି ଥାଏ - ମୁଁ ଏହା ପ୍ରାୟ ଭୁଲି ଯାଇଥିଲି ।

ଲଢ଼େଇ ସରିବା ପରେ ମତେ ଲମ୍ବା ଛୁଟି ମିଳିଲା । ଯଥେଷ୍ଟ ଟଙ୍କା ବି ପାଇଲି । ମୁଁ ଭାବିଲି କାହିଁକି ଘେରାଏ ବୁଲିଯିବିନି ? ଏହି ଲକ୍ଷ୍ୟ ରଖି ମୁଁ ପୁଣି ସେହି ନିଛାଟିଆ ଇଲାକା ଆଡ଼କୁ ମୁହାଁଇଲି । ସେଠାରେ ଆଗ ଅପେକ୍ଷା ବିଶେଷ କିଛି ବଦଳି ନଥିଲା । କିନ୍ତୁ ସେହି ନିରୋଳା ଗାଁ ଠାରୁ ଆଗକୁ ପାହାଡ଼ ଶିଖର ଯାଏଁ ଧୂଆଁଳିଆ କୁହୁଡ଼ି ଭରି ରହିଥିଲା । ଏହା ଏକ ସୁନ୍ଦର ଗାଲିଚା ପରି ଦେଖା ଯାଉଥାଏ । ସେହି ଦିନ ଆଗରୁ ମୁଁ ସେହି ଗଛ ଲଗାଳୀ ମେଷପାଳକଙ୍କ କଥା ଭାବି

ଚାଲିଥାଏ । ତାଙ୍କ ଘର ଆଡ଼କୁ ପାଦ ବଢ଼ାଉଥାଏ । ମୁଁ ମନେ ମନେ କଳ୍ପନା କରୁଥାଏ, ସେହି ଦଶ ହଜାର ଗଛ ଏବେ କେତେ ବଡ଼ ହୋଇଯିବଣି ?

ଲଢ଼େଇ ବେଳେ ମୁଁ ଅନେକ ଲୋକଙ୍କୁ ମରିଥିବାର ଦେଖିଥିଲି । ଯଦି କିଏ କହିଥାଆନ୍ତେ, ମେଷପାଳକ ଏବେ ମରିଗଲେଣି, ତେବେ ଏହି

କଥାକୁ ମାନିବାରେ ମତେ କିଛି ବି ଅଡୁଆ ଲାଗି ନଥା'ନ୍ତା । ଭଲା ପଚାଶ-ଷାଠିଏ ବର୍ଷର ବୁଢ଼ା ଜଣେ ମରିବା ଛଡ଼ା ଆଉ କ'ଣ ବା' କରିପାରିବେ ? କିନ୍ତୁ ସେହି ମେଷପାଳକ ଜଣକ ମରି ନଥିଲେ । ସେ କେବଳ ଜୀବିତ ହିଁ ନଥିଲେ; ବରଂ ଏକଦମ୍ ଚେଙ୍ଗା ଥିଲେ । ତାଙ୍କ କାମ କରିବା ଶୈଳୀ କିଛିଟା ବଦଳି ଯାଇଥିଲା । ତାଙ୍କ ପାଖରେ ଏବେ ମାତ୍ର ଚାରିଟି ମେଣ୍ଢା ଥିଲେ । କିନ୍ତୁ ଏକଶହ ମହୁମାଛି ଡବା ଥିଲା । ସେ ତାଙ୍କ ମେଣ୍ଢାଗୁଡ଼ିକୁ ବିକି ଦେଇଥିଲେ । ତାଙ୍କର ଡର ଥିଲା, କାଳେ ମେଣ୍ଢାମାନେ ତାଙ୍କର ନୂଆ ଗଛଗୁଡ଼ିକୁ ଖାଇଯିବେ । ମୁଁ ସ୍ପଷ୍ଟ ଭାବେ ଦେଖି ପାରିଲି, ବିଶ୍ୱଯୁଦ୍ଧ ତାଙ୍କ କାମ ଦାମରେ କିଛି ବି ଫରକ ଆଣି ନଥିଲା । ସେ ଏହି ଭୀଷଣ ଲଢ଼େଇର କୌଣସି ଖବର ହିଁ ରଖି ନଥିଲେ । ଲଗାତାର ସେ କେବଳ ଗଛ ଲଗାଇ ଚାଲିଥିଲେ ।

୧୯୧୦ ମସିହାରେ ଲଗା ଯାଇଥିବା ଗଛଗୁଡ଼ିକ ଏବେ ଏତେ ଉଚ୍ଚା ହୋଇ ଯାଇଥିଲେ ଯେ, ତାଙ୍କ ସାମନାରେ ଆମେ ଦୁହେଁ ବାମନ ଭଳି ଜଣାପଡୁଥିଲୁ । ଝଙ୍କାଳିଆ ଶାଗୁଆ ଗଛଗୁଡ଼ିକର ଦୃଶ୍ୟ ଦର୍ଶନୀୟ ଥିଲା । ଏହି ଅସାଧାରଣ ବଦଳର ବର୍ଣ୍ଣନା କରିବା ମୋ ପାଇଁ ସମ୍ଭବପର ନୁହେଁ । ମୁଁ ପୂରା ମୂକ ହୋଇ ଯାଇଥିଲି । ସେ ବି କିଛି କହୁ ନଥିଲେ । ଆମେ ଦିନ ସାରା ନୀରବ ଭାବରେ ଏହି ସବୁଜ ଜଙ୍ଗଲରେ ବୁଲିବାରେ ଲାଗିଲୁ । ଶାଗୁଆ ଓ ଘଞ୍ଚ ଗଛର ଏହି ଜଙ୍ଗଲ ଏବେ ଏଗାର କିଲୋମିଟର ଲମ୍ବା ଓ ତିନି କିଲୋମିଟର ଚଉଡ଼ା ହୋଇ ଯାଇଥିଲା । ଏସବୁ ଥିଲା ଜଣେ ଅପାଠୁଆ ମେଷପାଳକଙ୍କର ଦୁଇ ହାତ ଓ ଆତ୍ମାର କଡ଼ା ପରିଶ୍ରମର ଫଳ । ତାଙ୍କର ମଣିଷପଣିଆ ଓ ଉଦାରତା ଦେଖି ମୋ ମୁଣ୍ଡ ନଇଁଗଲା । ମତେ ଲାଗିଲା, ଯେ କୌଣସି ମଣିଷ ଚାହିଁଲେ, ଲଢ଼େଇ ଓ ହିଂସାର ରାସ୍ତା ଛାଡ଼ି, ସେ ବି ଭଗବାନଙ୍କ ପରି ଏକ ସୁନ୍ଦର, ପ୍ରେମମୟ ଦୁନିଆ ଗଢ଼ି ଦେଇ ପାରିବ ।

ଦୁନିଆରେ ଚାଲିଥିବା ହୋ ହଲ୍ଲା ଠାରୁ ସେ ପୂରା ବେଖବର ଥିଲେ ଓ ନିଜ ସ୍ୱପ୍ନକୁ ସାକାର କରିବାରେ ମନ ଢାଳି ଲାଗିଥିଲେ ।

ପବନରେ ଟହଲୁଥିବା ଏହି ଅସଂଖ୍ୟ ଗଛ ଏହି କଥାଟିର ମୂକ ସାକ୍ଷୀ ଥିଲେ । ସେ ମତେ କିଛି ଦେବଦାରୁ ଗଛ ଦେଖାଇଲେ, ଯାହାକୁ ସେ ପାଞ୍ଚ ବର୍ଷ ତଳେ ଲଗାଇଥିଲେ । ସେତେବେଳେ ମୁଁ ଲଢ଼େଇରେ ଲାଗିଥିଲି । ସେ ଏହି ଗଛଗୁଡ଼ିକୁ ଘାଟି ଇଲାକାରେ ଲଗାଇଥିଲେ । ଏହି ମାଟିରେ ଅଧିକ ଆର୍ଦ୍ରତା ଥିଲା । ଗଛଗୁଡ଼ିକର ଚେର ମାଟିକୁ ଭିଡ଼ି ରଖିଥିଲା । ଏମାନଙ୍କର ଗହଳିଆ ପତ୍ର ସୂର୍ଯ୍ୟକିରଣକୁ ଛତା ପରି ରୋକି ରଖୁଥିଲେ । ଫଳରେ ମାଟି ବି ଉତ୍ତାପରୁ ରକ୍ଷା ପାଇ ଯାଉଥିଲା ।

ଗଛ ଲଗାଯିବାରୁ ଏହି ଶୁଖିଲା ଭୂଇଁରେ ଏକ ନୂଆ ଜୀବନ ଆସିଯାଇଥିଲା । କିନ୍ତୁ ତାଙ୍କ ପାଖରେ ଏ ସବୁକୁ ଦେଖିବା ପାଇଁ ସମୟ ହିଁ ନଥିଲା । ସେ ନିଜ କାମରେ ପୂରା ମଜ୍ଜି ରହିଥିଲେ । ଫେରିଲାବେଳେ, ଗାଁ ପାଖରେ ମୁଁ ଝରଣା ପାଣିର କଳକଳ ଶବ୍ଦ ଶୁଣି ପାରିଲି । ଏହି ଝରଣାଗୁଡ଼ିକ କେବେ ଠାରୁ କେଜାଣି ଶୁଖିଯାଇଥିଲା ।

ଏସବୁ ଥିଲା ଗଛ ଲଗାଯିବାର ଉତ୍ସାହଦାୟକ ପରିଣାମ । ଅନେକ ବର୍ଷ ଆଗରୁ ଏହି ନାଳଗୁଡ଼ିକରେ ନିଶ୍ଚୟ ପାଣି ବହୁଥିଲା । ଯେଉଁ ଗଡ଼ଖାଇକୁ ଟପି ମୁଁ ଗାଁରେ ପ୍ରଥମ ଥର ପହଞ୍ଚିଥିଲି, ତାହାକୁ ହୁଏ ତ କେବେ ନାଳ ପାଖରେ ତିଆରି କରାଯାଇଥିଲା ।

ପବନ ବି ମଞ୍ଜିଗୁଡ଼ିକୁ ଦୂରରୁ ଦୂରକୁ ଉଡ଼ାଇ ନେଉଥିଲା । ପୁଣି ଥରେ ପାଣି ବହିବାରୁ ନାଳ କଡ଼ରେ ଅନେକ ପ୍ରକାରର ଗଛ ଓ ଘାସ ଉଧେଇଲା । ମାଟି ତଳେ ଆଖି ମୁଜି ଶୋଇଥିବା ବିଭିନ୍ନ ପ୍ରକାରର ମଞ୍ଜି ଏବେ ନିଦ ଭାଙ୍ଗି ଉଠିପଡ଼ିଥିଲେ । ଜଙ୍ଗଲୀ ଫୁଲ ସବୁ ନିଜ ରଙ୍ଗବେରଙ୍ଗ ଆଖି ମେଲି ଆକାଶକୁ ଚାହୁଁଥିଲେ । ଏଥିରୁ ଲାଗୁଥିଲା

ଯେପରି ଜିଇଁବାର ଏକ ମାନେ ଅଛି । କିନ୍ତୁ ଏହା ଏତେ ଧୀର ଓ ପ୍ରାକୃତିକ ଗତିରେ ବଦଳି ଥିଲା ଯେ, ଏହାକୁ ବୁଝିବା ବା ମାନିବାରେ କିଛି ଆଶ୍ଚର୍ଯ୍ୟ ଲାଗୁ ନଥିଲା । ଠେକୁଆ ଓ ବାରହା ଶିକାରୀମାନେ ଏହି ଗଛଗୁଡ଼ିକୁ ବଢ଼ିବା ନିଶ୍ଚୟ ଦେଖିଥିବେ । ସେମାନେ ଏହାକୁ ପୃଥିବୀର ଏକ ପ୍ରାକୃତିକ ପରିବର୍ତ୍ତନ ବୋଲି ଧରି ନେଇ ଭୁଲି ଯାଇଥିବେ ।

ସେହି ମେଷପାଳକଙ୍କ କାମରେ କେହି ବି ବାଧା ଦେଇ ନଥିଲେ । ତାଙ୍କୁ ଯଦି କିଏ ଦେଖିଥାନ୍ତା, ତେବେ ନିଶ୍ଚୟ ଏହାର ବିରୋଧ କରାଯାଇଥାନ୍ତା । କିନ୍ତୁ ତାଙ୍କୁ ଖୋଜି ପାଇବା ବହୁତ କାଠିକର ଥିଲା । ସରକାର ବା ଆଖପାଖ ଗାଁରେ କେହି କେବେ ଭାବି ବି ପାରି ନଥିବେ ଯେ, କିଏ ଜଣେ ନିଜ ହାତରେ ଏହି ବିଶାଳ ଜଙ୍ଗଲଟିକୁ ତିଆରି କରିଛି । ଏହି ଅଜଣା ମଣିଷଟିର ବ୍ୟକ୍ତିତ୍ୱକୁ ବୁଝିବା ପାଇଁ ଆମକୁ ମନେ ରଖିବାକୁ ପଡ଼ିବ ଯେ, ସେ ପୂରା ଏକଲା ଥିଲେ ଓ ଏକ ଶୂନ୍‌ଶାନ୍ ଇଲାକାରେ ନିଜ କାମ କରି ଚାଲିଥିଲେ । ତାଙ୍କ ଏକାନ୍ତ ଦୁନିଆଁରେ ଏତେ ନୀରବତା ଥିଲା ଯେ, ଶେଷରେ ସେ ବି ଗପିବା, କହିବା ଭୁଲି ଯାଇଥିଲେ । ଏପରି ବି ସମ୍ଭବ ଯେ, ତାଙ୍କ ଜୀବନରେ ଏବେ ଶବ୍ଦର ଆଉ କୌଣସି ଆବଶ୍ୟକତା ନଥିଲା ।

୧୯୩୩ରେ ପ୍ରଥମ ଥର ପାଇଁ ଜଣେ ଫରେଷ୍ଟ ରେଞ୍ଜର୍ ଭୁଲବଶତଃ ସେହି ଜାଗାରେ ପହଞ୍ଚିଲେ । ରେଞ୍ଜର ତାଙ୍କୁ ସରକାରୀ ନିୟମଟି କହିଲେ । ଜଙ୍ଗଲ ଆଖପାଖରେ ବିଡ଼ି-ସିଗାରେଟ୍ ଆଦି ଖାଇବା ନିଷେଧ । ଏଥିରୁ ଜଙ୍ଗଲରେ ନିଆଁ ଲାଗିଯିବାର ବିପଦ ରହିଛି । ଜଳିଲା ଜିନିଷ ଏହି ସରକାରୀ ଜଙ୍ଗଲଟି ପ୍ରତି ବିପଦଜନକ । ସେହି ଜଙ୍ଗଲଟି ଆପେ ଆପେ ବଢ଼ି ଉଠିଥିବା ଦେଖି ରେଞ୍ଜର୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେହି ସମୟରେ ସେହି ମେଷପାଳକ ନିଜ ଘର ଠାରୁ ପ୍ରାୟ ୧୨ କି.ମି. ଦୂରରେ କୌଣସି ନୂଆ ଗଛ ଲଗାଇବା ବିଷୟରେ ଭାବୁଥିଲେ । ତାଙ୍କୁ ସେତେବେଳେ ୭୫ ବର୍ଷ ବୟସ । ପ୍ରତିଦିନ ଏତେ ବାଟ ଯିବା ଆସିବା ବଦଳରେ ସେ ସେହି ଜାଗାରେ ନୂଆ ଘରଟିଏ

ବନାଇବା କଥା ଭାବୁଥିଲେ । ତା'ପର ବର୍ଷ ସେ ନୂଆ ଘରଟିକୁ ଚାଲିଗଲେ ।

୧୯୩୫ରେ ସେହି ପ୍ରାକୃତିକ ଜଙ୍ଗଲ ପରିଦର୍ଶନ କରିବା ପାଇଁ ଏକ ବଡ଼ ସରକାରୀ ଦଳ ଆସିଲେ । ଏଥିରେ ବନ ବିଭାଗର ସବୁ ଅଫିସର ସାମିଲ ଥିଲେ । ସେମାନେ ସେଠାରେ ଅନେକ ଅବାନ୍ତର ଆଲୋଚନା କଲେ । ତାଙ୍କର ନିରର୍ଥକ ଆଲୋଚନାରୁ କୌଣସି ଲାଭ ହେଲା ନାହିଁ । କିନ୍ତୁ ଏତିକି ହେଲା ଯେ, ସାରା ଜଙ୍ଗଲଟିକୁ ''ସୁରକ୍ଷିତ ଜଙ୍ଗଲ ଅଂଚଳ'' ଘୋଷଣା କରିଦିଆଗଲା । ଏଥିରୁ ଗୋଟିଏ ଫାଇଦା ହେଲା ଯେ, ଏପରି କାଠ ଜାଳି କୋଇଲା ବନାଇବା ନିଷିଦ୍ଧ ହୋଇଗଲା । ଏହି ଜଙ୍ଗଲର ସୌନ୍ଦର୍ଯ୍ୟ ସତରେ ମନଛୁଆଁ ଥିଲା । ଛୋଟ ଗଛଗୁଡ଼ିକ ଛନଛନ ହୋଇ ବଢ଼ି ଅତି ଆକର୍ଷଣୀୟ ଦେଖାଯାଉଥିଲେ । ବୋଧହୁଏ ଏହି ସୌନ୍ଦର୍ଯ୍ୟରେ ସରକାରୀ ଦଳଟି ମୋହି ହୋଇ ଯାଇଥିଲେ ।

ବନ ବିଭାଗର ଏହି ଦଳଟିରେ ମୋର ଜଣେ ସାଙ୍ଗ ବି ଆସିଥିଲେ । ମୁଁ ତାଙ୍କୁ ଏହି ଜଙ୍ଗଲର ଅସଲ ରହସ୍ୟ ବତାଇଲି । ମୋ କଥା ଶୁଣି ସେ କାବା ହୋଇଗଲେ । ତା'ପର ସପ୍ତାହରେ ଆମେ ଦୁହେଁ ସେହି ମେଷପାଳକଙ୍କ ପାଖକୁ ଗଲୁ । ସେ ତାଙ୍କ କାମରେ ବ୍ୟସ୍ତ ଥିଲେ । ସେହି ଜାଗାଟି ପରିଦର୍ଶନ ସ୍ଥାନ ଠାରୁ ପ୍ରାୟ ଦଶ କି.ମି. ଦୂରରେ ଥିଲା ।

ସେହି ଫରେଷ୍ଟର ଜଣକ ମୋର କୌଣସି ସାଙ୍ଗ ନଥିଲେ । ସେ ବି ଜଣେ ଭଲ ମଣିଷ ଥିଲେ ଓ ଭଲ କାମର ଆଦର କରି ଜାଣିଥିଲେ । ମେଷପାଳକ ନୀରବ ରହିବା କଥା ସେ ଜାଣିଥିଲେ । ମୁଁ ସାଥିରେ ଯେଉଁ ଖାଦ୍ୟ ନେଇ ଯାଇଥିଲି, ଆମେ ତିନିହେଁ ମିଳି ତା'କୁ ଏକାଠି ଖାଇଲୁ । ଏହାପରେ ଆମେ କେତେ ଘଣ୍ଟା ଧରି ଏହି ଚମତ୍କାର ଜଙ୍ଗଲଟିରେ ବୁଲିବାରେ ଲାଗିଲୁ । ଆମ୍ଭେ ଯେଉଁ ପଟକୁ ଯାଇଥିଲୁ,

ସେଠାରେ ପାହାଡ଼ର ତଳ ଭାଗରେ ଲଗାଯାଇଥିବା ଗଛଗୁଡ଼ିକ ଏବେ ୨୦-୨୫ ଫୁଟ ଉଚ୍ଚ ହୋଇଯାଇଥିଲେ । ମୋର ସ୍ପଷ୍ଟ ଭାବେ ମନେ ଅଛି ଯେ, ୧୯୧୩ ମସିହାରେ ଏହି ଅଞ୍ଚଳଟି ପୂରା ଶୁଖା ଓ ନିରୋଳା ଥିଲା । ମାନସିକ ଶାନ୍ତି, କଠିନ ପରିଶ୍ରମ, ପାହାଡ଼ର ସ୍ୱଚ୍ଛ ପବନ ଓ ଏକ ସାତ୍ତ୍ୱିକ ଜୀବନ ଏହି ମେଷପାଳକଙ୍କୁ ବେଶ୍ ସୁସ୍ଥ ଓ ସତେଜ କରି ରଖିଥିଲା । ବୋଧହୁଏ ପୃଥିବୀ ଉପରେ ସେ ଭଗବାନଙ୍କର ଜଣେ ଦୂତ ଥିଲେ । ମୁଁ ବାସ୍ ଏକଥା ଭାବୁଥିଲି ଯେ, ସେ ଆଉ କେତେ ଜମିରେ ଏପରି ଭାବରେ ଗଛ ଲଗାଇ ଚାଲିବେ !

ଫେରିବା ଆଗରୁ ମୋର ବନ୍ଧୁ ମାଟିକୁ ପରଖି ଦେଖିଲେ ଓ କେତେକ ନିର୍ଦ୍ଦିଷ୍ଟ ଜାତିର ଗଛ ଲଗାଇବା ପାଇଁ ମେଷପାଳକଙ୍କୁ ପ୍ରସ୍ତାବ ଦେଲେ । କିନ୍ତୁ ସେ ଏହି ପ୍ରସ୍ତାବଟି ଉପରେ ଅଧିକ ଜୋର ଦେଲେ ନାହିଁ । ପରେ ବନ୍ଧୁ ମତେ କହିଲେ, ''ମୋର ଜୋର ନଦେବା ପଛରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ମେଷପାଳକ ଜଣକ ଗଛ ବିଷୟରେ ମୋ ଠାରୁ ଢେର ଅଧିକ ଜାଣନ୍ତି ।'' କିଛି ଘଣ୍ଟା ଧରି ଚାଲିବା ପରେ ମୋର ଅଫିସର୍ ବନ୍ଧୁ ମତେ ପୁଣି କହିଲେ, ''ସେହି ଲୋକଜଣକ ବୋଧହୁଏ ଦୁନିଆରେ ସବୁଠୁ ବେଶୀ ଜାଣନ୍ତି । ସବୁଠୁ ବଡ଼ କଥା ହେଉଛି : ସେ ଖୁସିରେ ରହିବାର ଏକ ଅଦ୍ଭୁତ ଉପାୟ ବାହାର କରିଛନ୍ତି ।''

ଏହି ଅଫିସରଙ୍କ ଚେଷ୍ଟା ଫଳରେ ଏହି ଜଙ୍ଗଲଟି ସୁରକ୍ଷିତ ରହିପାରିଲା । ଏଥି ସହିତ ଗଛଲଗାଳୀ ଜଣକ ବି ଖୁସିରେ ରହିପାରିଲେ । ଜଙ୍ଗଲର ସୁରକ୍ଷା ପାଇଁ ସେ ତିନି ଜଣ ରେଞ୍ଜରଙ୍କୁ ନିଯୁକ୍ତ କଲେ । ତାଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା ଯେପରି କୋଇଲା ବନାଳୀଙ୍କର ଲାଞ୍ଚ ''ମଦ ବୋତଲ''କୁ ସେମାନେ ଛୁଇଁବେ ନାହିଁ ।

୧୯୩୯ରେ ଏହି ସୁରକ୍ଷା କାମରେ କିଛି ବାଧା ଉପୁଜିଲା । ରେଳ ଲାଇନ୍ ବିଛାଇବା ପାଇଁ ଅନେକ ସଂଖ୍ୟାରେ ମୋଟା କାଠପଟା ଲୋଡ଼ା ହେଲା । ଏଥିପାଇଁ ୨୯ ବର୍ଷ ତଳର ଅନେକ ଗଛକୁ କାଟିବାକୁ ପଡ଼ିଲା ।

କିନ୍ତୁ ରେଳ ଲାଇନ୍ ଠାରୁ ଏହି ଜାଗାଟି ଏତେ ଦୂରରେ ଥିଲା ଯେ, ଏଠାରୁ କାଠ ବୋହି ନେବା ଅତ୍ୟଧିକ ଖର୍ଚ୍ଚବହୁଳ ହେଲା । ଏହି କାରଣରୁ ଜଙ୍ଗଲ କାଟିବା ବନ୍ଦ କରିଦିଆଗଲା । ମେଷପାଳକଙ୍କୁ ଏହି ଘଟଣାଟିର କୌଣସି ଆଭାସ ହିଁ ମିଳି ନଥିଲା । ପ୍ରାୟ ୩୦ କି.ମି. ଦୂରରେ ଚୁପ୍‌ଚାପ୍ ସେ ନୂଆ ନୂଆ ଗଛ ଲଗାଇବାରେ ବ୍ୟସ୍ତ ଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଘମାଘୋଟ ଲଢ଼େଇ ବିଷୟରେ ସେ ପୂରା ବେଖବର ଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ବେଳେ ବି ସେ ଏପରି ବେଖବର ଥିଲେ ।

ଜୁନ୍ ୧୯୪୫ରେ ମତେ ସେହି ବୁଢ଼ା ମେଷପାଳକଙ୍କୁ ଶେଷ ଥର ପାଇଁ ଭେଟିବାର ମଉକା ମିଳିଲା । ସେତେବେଳକୁ ତାଙ୍କ ବୟସ ପ୍ରାୟ ଛୟାଅଶୀ ବର୍ଷ । ଏହା ମଧ୍ୟରେ ଏଠାରେ ବେଶ୍ କିଛି ବଦଳି ଯାଇଥିଲା । ସେହି ଅପନ୍ତରା ରାସ୍ତାରେ ବସ୍‌ଟିଏ ଚାଲିବା ଦେଖି ମତେ ବହୁତ କାବା ଲାଗିଲା । କେତୋଟି ସୁପରିଚିତ ଜାଗାକୁ ମୁଁ ଚିହ୍ନି ପାରୁ ନଥିଲି । ବସ୍‌ଟି ମତେ କେତୋଟି ନୂଆ ଇଲାକାରେ ବୁଲାଇ ନେଇଗଲା । ଗୋଟିଏ ବୋର୍ଡ଼ରେ ମୁଁ ଗାଁଟିର ନାଆଁ ଲେଖା ହୋଇଥିବାର ଦେଖିଲି । ସେତେବେଳେ ହିଁ ମୁଁ ଜାଣିପାରିଲି ଯେ, ଏହା ସେହି ଗାଁ ଯେଉଁଠି ଗୋଟିଏ ସମୟରେ ଏକ ଗଡ଼ଖାଇ ଥିଲା ।

ବସ୍‌ରୁ ଓହ୍ଲାଇ ମୁଁ ଗାଁ ଆଡ଼କୁ ଚାଲିଲି । ମୋର ସ୍ପଷ୍ଟ ମନେ ଅଛି ଯେ, ୧୯୧୩ ମସିହାରେ ଏହି ଗାଁରେ ୧୦-୧୨ଟି ଭଙ୍ଗାରୁଜା ଘର ଥିଲା । ଏଥିରୁ ମାତ୍ର ତିନୋଟିରେ ହିଁ ଲୋକ ରହୁଥିଲେ । ଗରମ ଓ ଗରିବୀ ହେତୁ ସେମାନେ ଅତି ଦୁଃସ୍ଥ ଥିଲେ । ସେମାନେ ଆଦିମ ମଣିଷ ପରି ବର୍ବର ଜୀବନଯାପନ କରୁଥିଲେ । ତାଙ୍କ ଆଖପାଖର ଘରଗୁଡ଼ିକରେ କଣ୍ଟାଳିଆ ବୁଦା ଭରି ରହିଥିଲା । ସେହି ନିରାଶ ଜୀବନରେ କେବଳ ମୃତ୍ୟୁ ହିଁ ତାଙ୍କୁ ମୁକ୍ତି ଦେଇ ପାରିଥାନ୍ତା ।

ଏବେ କିନ୍ତୁ ଲାଗୁଥିଲା, ଏ ସବୁ କିଛି ବଦଳି ଯାଇଛି । ଏବେକାର ପବନରେ ବେଶ୍ ସୁବାସ ଥିଲା । ଆଗର ଅତି ଗରମ ପବନ ବଦଳରେ ଏବେକାର ପବନରେ ଯଥେଷ୍ଟ ଆର୍ଦ୍ରତା ଥିଲା । ଗୋଟିଏ



ଦିଗରୁ ପାଣି ପଡୁଥିବାର ଶବ୍ଦ ମୁଁ ଶୁଣି ପାରିଲି । ମୋର ଆଶ୍ଚର୍ଯ୍ୟର କୌଣସି ସୀମା ରହିଲା ନାହିଁ । ଗୋଟିଏ ଛୋଟ କୁଣ୍ଡରୁ ନଳୀରେ ପାଣି ବାହାରୁଥିଲା । ଏହାର ପାଖରେ କେହି ଏକ ସୁନ୍ଦର କନକଚମ୍ପା ଗଛ ଲଗାଇ ଦେଇଥିଲେ । ଏହା ପ୍ରାୟ ଚାରି ବର୍ଷର ହୋଇଯାଇଥିଲା । ଚମ୍ପା

ଗଛଟି ସୂଚାଉଥିଲା ଯେ, ମରୁଭୂଇଁଟିରେ ଏବେ ଦ୍ୱିତୀୟ ଥର ଜୀବନ ଫେରି ଆସିଛି ।

ଗାଁଟିକୁ ଦେଖି ଲାଗୁଥିଲା ଯେପରି ସେଠାକାର ଲୋକଙ୍କ ମଧ୍ୟରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ବିଶ୍ୱାସ ଆସିଯାଇଛି । ସେମାନଙ୍କ ମଧ୍ୟରେ ଏକ ନୂଆ ଆଶା ଜାଗିଉଠିଛି । ଗଡ଼ଖାଇଟିକୁ ପୋତାଯାଇ ପାଞ୍ଚଟି ଘରର ମରାମତି କରାଯାଇଥିଲା । ଗାଁରେ ଏବେ ୨୮ ଜଣ ଲୋକ ରହୁଥିଲେ । ଏମାନଙ୍କ ମଧ୍ୟରେ ଚାରିଟି ଯୁବ ଦମ୍ପତ୍ତି ବି ଥିଲେ । ନୂଆ ଘରଗୁଡ଼ିକର ପଲସ୍ତରା କରାଯାଇଥିଲା । ଏଗୁଡ଼ିକର ସାମନାରେ ବଗିଚାରେ ସବୁଜ ଗଛଲତା ଓ ଫଳଫୁଲ ଭରି ରହିଥିଲା । କେଉଁଠାରେ ଗୋଲାପ ଓ କୋବିର ଫୁଲ ତ କେଉଁଠି ଲାଉ, କାକୁଡ଼ି, କଲରା ଝୁଲି ସୁନ୍ଦର ଦିଶୁଥିଲା । ଏହା ଏବେ ଏପରି ଏକ ଗାଁ ବନି ଯାଇଥିଲା, ଯେଉଁଠି ଯେ କେହି ବି ବାସ କରିବାକୁ ଚାହିଁବ ।

ଏ ଯାଏଁ ବିଶ୍ୱଯୁଦ୍ଧ ସରି ନଥିଲା । ଏହି କାରଣରୁ ଜନଜୀବନ ଏ ଯାଏଁ ପୂରା ସ୍ଥିର ହୋଇ ପାରି ନଥିଲା । ପାହାଡ଼ର ତଳ ଇଲାକାରେ ମୁଁ ଯଅ ଓ ବାଜରା ଖେତ ଦେଖିବାକୁ ପାଇଲି । ସଙ୍କରୀ ଘାଟି, ଯେଉଁଠି ଅଧିକା ପାଣି ଥିଲା, ଏବେ ସେଠାରେ ସବୁଜତା ଭରିଯାଇଥିଲା । ମାତ୍ର ଆଠଟି ବର୍ଷରେ ଏହି ଇଲାକାଟି ସବୁଜ ଓ ଖୁସିମୟ ହୋଇଯାଇଥିଲା । ୧୯୯୩ରେ ମୁଁ ଯେଉଁଠି ଶୁଖା ଗଡ଼ଖାଇଟିଏ ଦେଖୁଥିଲି, ସେଠାରେ ଏବେ ଶାଗୁଆ ଖେତ ମୁରୁକି ମୁରୁକି ହସୁଥିଲା । ଲୋକମାନେ ବି ବେଶ୍ ଖୁସି ଓ ସୁଖୀ ଜଣା ପଡୁଥିଲେ । ପାହାଡ଼ର ନାଳଟି ଆଗରୁ ଶୁଖି ଯାଇଥିଲା । ଏଠାରେ ପୁଣି ବରଫତରଳା ନିର୍ମଳ ପାଣି ବହି ଯାଉଥିଲା । ଏହି ପାଣିକୁ ଛୋଟ ଛୋଟ ନାଳ ଦ୍ୱାରା ଖେତ ଆଡ଼କୁ ମୁହାଁ ଯାଉଥିଲା । ଖେତ କଡ଼ରେ ଗଛଗୁଡ଼ିକ ବେଶ୍ ସବୁଜ, ସତେଜ ମନେ ହେଉଥିଲେ । ଧୀରେ ଧୀରେ ପୂରା ଗାଁଟି ପୁଣି ଉଧେଇ ଉଠିଥିଲା ।

ସମତଳ ଅଂଚଳରେ ଜମିର ଦାମ୍ ବେଶ୍ ମହଙ୍ଗା ଥିଲା । ସେଠାରୁ ଆସି କିଛି ଲୋକ ଏଠାରେ ନିଜର ଘର ବନାଇଥିଲେ ।



ସେମାନେ ନିଜ ସହିତ ନୂଆ ଉତ୍ସାହ ଓ ସ୍ୱପ୍ନ ବି ନେଇ ଆସିଥିଲେ । ରାସ୍ତା ଉପରେ ଲୋକଙ୍କ ଚେହେରାରେ ହସ ଓ ଆଖିରେ ଚମକ ଥିଲା । ଯଦି ଏଠାକାର ପୂରା ବିକାଶକୁ ହିସାବ କରାଯାଏ, ତେବେ ଏହା ନିଶ୍ଚିତ ରୂପେ କୁହା ଯାଇପାରିବ ଯେ, ସେହି ଅପାଠୁଆ ମେଷପାଳକ ଜଣଙ୍କ ହିଁ ଏହି ଦଶ ହଜାର ଲୋକଙ୍କର ଖୁସିର ସ୍ରଷ୍ଟା ଥିଲେ ।

ଏହି ସବୁ ଖୁସି ଜଣେ ଲୋକଙ୍କର ବିଚାର ଓ ହାତ ଦ୍ୱାରା ହିଁ ହୋଇ ପାରିଛି ଭାବିଲେ ମୋ ମୁଣ୍ଡ ଆପେ ଆପେ ନଇଁ ଯାଉଛି । ଜଣେ ସାଧାରଣ ମଣିଷ ଏକଲା ଏହି ମରୁ ଇଲାକାଟିକୁ ସବୁଜ କରି ଦେଇପାରିଥିଲେ । ଏହା ଭାବିଲା କ୍ଷଣି ସବୁ ଅସୁବିଧା ସତ୍ତ୍ୱେ ମଣିଷପଣିଆ ଉପରେ ମୋର ବିଶ୍ୱାସ ବଢ଼ିଯାଉଛି । ଏହି ଅପାଠୁଆ ମହାନ ଆତ୍ମାଟିର ଜୀବନରୁ ମୁଁ କେବଳ ଏକ ମାତ୍ର ଶିକ୍ଷା ପାଇଛି ଯେ, ମଣିଷ ଚାହିଁଲେ ପୃଥିବୀରେ ଥାଇ ବି ଭଗବାନଙ୍କ ପରି ପରୋପକାର କରିପାରେ ।

୧୯୪୭ ମସିହାରେ ଗୋଟିଏ ଗଛ ମୂଳରେ ସେହି ମେଷପାଳକଙ୍କର ଆଖି ସବୁଦିନ ପାଇଁ ବୁଜି ହୋଇଗଲା ।

***

ଆମ ଆଡୁ ଦୁଇପଦ.....

ଜିଆନ୍ ଜିଓନୋ ଥିଲେ ଜଣେ ବିଖ୍ୟାତ ଫ୍ରେଞ୍ଚ୍ ଲେଖକ । ଫ୍ରାନ୍ସର ମାନୋସ୍କ ସହରରେ ହିଁ ସେ ଜୀବନର ଅଧିକ ଭାଗ ବିତାଇଥିଲେ । ସେ ୧୮୯୫ ମସିହାରେ ଜନ୍ମ ହୋଇଥିଲେ । ତାଙ୍କ ବାପା ଜଣେ ମୋଚି ଥିଲେ । ମା' ଗୋଟିଏ ଇସ୍ତ୍ରୀ ଦୋକାନ ଚଳାଉଥିଲେ । ନିଜେ ହାତରେ ଇସ୍ତ୍ରୀ କରି ସେ କିଛି ରୋଜଗାର କରୁଥିଲେ । ତିନିଜଣିଆ ପରିବାରଟି ଗୋଟିଏ ଛୋଟ କୁଡ଼ିଆରେ କଷ୍ଟେମଷ୍ଟେ ଚଳୁଥିଲେ । ସ୍କୁଲରେ ପଢ଼ିବା ପାଇଁ ବି ତାଙ୍କୁ ନାନା ଅସୁବିଧାର ସାମନା କରିବାକୁ ପଡୁଥିଲା । ତାଙ୍କୁ ଷୋହଳ ବର୍ଷ ବେଳକୁ ଘରର ଅବସ୍ଥା ଆହୁରି ବିଗିଡ଼ିଗଲା । ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ସେ ଜଣେ କିରାଣୀ ଭାବେ ଗୋଟିଏ ବ୍ୟାଙ୍କରେ ଯୋଗ ଦେଲେ ।

ଏହି ସମୟରେ ଗୋଟିଏ ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା । ନିଜ ସଞ୍ଚିତ ପଇସାରେ ସେ ଜୀବନରେ ପ୍ରଥମ ଥର ପାଇଁ ଖଣ୍ଡିଏ ବହି କିଣି ପାରିଲେ । ତାଙ୍କ ପାଖରେ ଥିବା ପଇସା ମୁତାବକ ଏହା ଥିଲା ସବୁଠୁ ଶସ୍ତା ବହି । କିନ୍ତୁ ଯୋଗକୁ ବହିଟି ଶସ୍ତା ହେଲେ ବି ଏହାର ବିଷୟବସ୍ତୁ ଅତି ମୂଲ୍ୟବାନ ଥିଲା । ଏହା ଥିଲା ଜଣେ ବିଖ୍ୟାତ କବିଙ୍କର ରଚନାବଳୀ । ଏହା ତାଙ୍କର ଲେଖକ ମନୋଭାବକୁ ତେଜି ଦେଇଥିଲା ।

୧୯୨୯ ମସିହା ବେଳକୁ ତାଙ୍କର ଉପନ୍ୟାସଗୁଡ଼ିକ ଅଧିକ ଆଦର ପାଇଲା । ସେ ପ୍ରାୟ ୩୦ରୁ ଅଧିକ ଉପନ୍ୟାସ, ଅନେକ ପ୍ରବନ୍ଧ ଓ ଗପ ଲେଖିଥିଲେ । ଏଥିରୁ କେତେକକୁ ଆଧାର କରି ସିନେମା ବି କରାଯାଇଛି । ତାଙ୍କର ଲେଖାଗୁଡ଼ିକ ମଧ୍ୟରେ ''ଯେ ଆଶାର ଗଛ ଲଗାଇଥିଲେ'' ବହିଟି ସବୁଠାରୁ ବେଶୀ ଆଦର ପାଇଛି । ଏହାକୁ ସେ ୧୯୫୪ ମସିହାରେ ଲେଖିଥିଲେ । ସେତେବେଳକୁ ତାଙ୍କ ବୟସ ପ୍ରାୟ ଷାଠିଏ ବର୍ଷ । ଏହି ଲେଖାଟି ପଛର ଘଟଣାଟି ବି ବେଶ୍ ମଜାଦାର ।

ଲେଖାଲେଖିରେ ତାଙ୍କର ଯଥେଷ୍ଟ ପ୍ରଶସ୍ତି ବଢ଼ିବା ପରେ ଆମେରିକାର ବିବିଧ ପ୍ରକାଶକ ତାଙ୍କୁ କିଛି ଲେଖିବା ପାଇଁ ଅନୁରୋଧ କରିଥିଲେ । ବିଶେଷ କରି, ଏହା କୌଣସି ଏକ ଅଭୁଲା ଚରିତ୍ର ବିଷୟରେ ଲେଖାଯିବାର ଥିଲା । ଜିଓନୋଙ୍କ ପାଇଁ ଏହି ଚରିତ୍ର (ଏହି ବହିଟିର ମୁଖ୍ୟ ବ୍ୟକ୍ତିତ୍ୱ)ଟି ହିଁ ସବୁଠୁ ବେଶୀ ଆଦର୍ଶବାନ୍ ଓ ଅଭୁଲା ଥିଲା । ମୂଳ ବହିଟିରେ ସେ ଏହି ମେଷପାଳକ ଚରିତ୍ରଟିର ନାଁ ରଖିଥିଲେ ''ଏଲ୍‌ଜିଆର୍ଡ଼ ବଉଫିଏର୍'' । ଏହି କାଳ୍ପନିକ ନାଁଟିର ଅର୍ଥ ବେଶ୍ ଗୁରୁତ୍ୱପୂର୍ଣ୍ଣ । 'ଏଲ୍‌ଜିଆର୍ଡ଼'ର ଅର୍ଥ 'ଜଣେ ଅଭୁଲା ଗୁରୁଜୀ' । 'ବଉଫି'ର ଅର୍ଥ, ଉଭୟ ଇଂରାଜୀ ଓ ଫ୍ରେଞ୍ଚ୍ ଭାଷାରେ, 'ଜଣେ ମହାନ୍ ବ୍ୟକ୍ତି' । ଜିଆନ୍‌ଙ୍କ ଅଧିକାଂଶ ପ୍ରାରମ୍ଭିକ ରଚନାରେ ଏହିପରି ଚରିତ୍ରଙ୍କ ବର୍ଣ୍ଣନା ଥିଲା । ଏହି ଚରିତ୍ରଗୁଡ଼ିକ ମାଧ୍ୟମରେ ସେ ବିଭିନ୍ନ ମାନବିକ, ସକାରାତ୍ମକ ଓ ସୃଜନଶୀଳ ବିଚାରଧାରାକୁ ପ୍ରକାଶ କରୁଥିଲେ । ଜିଆନ୍‌ଙ୍କ ଏହି ବହିର ମେଷପାଳକ ଚରିତ୍ରଟି ବି ଏପରି ଏକ ଉତ୍ସାହପ୍ରଦ, ଆଶାବାଦୀ ଓ ସକାରାତ୍ମକ ପ୍ରତୀକ ଥିଲା ।

କିନ୍ତୁ ଘଟଣାଟି ଏକ ଅଦ୍ଭୁତ ମୋଡ଼ ନେଲା । ଆମେରିକାର ପ୍ରକାଶକ ଏହି କାହାଣୀଟିକୁ ଆଦର କଲେ ବି ଘଟଣାଟିକୁ ବିଶ୍ୱାସ କଲେ ନାହିଁ । ସେମାନେ ଅଭିଯୋଗ କଲେ, ବହିଟିରେ ପ୍ରକାଶିତ ଜାଗାରେ ବଉଫି- ଏର୍ (ମେଷପାଳକଙ୍କ ବହି ନାଁ) ମରିଥିବାର କୌଣସି ପ୍ରମାଣ ନାହିଁ । ଏହି ଆଳରେ ସେମାନେ ଲେଖାଟିକୁ କାଳ୍ପନିକ କହି ଅଗ୍ରାହ୍ୟ କଲେ । କିନ୍ତୁ ଅଳ୍ପ କିଛି ଦିନ ଭିତରେ ଏହା 'ଭୋଗ୍' ନାମକ ଏକ ପତ୍ରିକାରେ ପ୍ରକାଶ ପାଇଲା । ପ୍ରଥମେ ଏହି ବହିଟିର ନାଁ ଥିଲା ''ଯିଏ ଆଶା ରୋପିଥିଲେ ଓ ଖୁସି ବଢ଼ାଇଥିଲେ'' (The man who planted hope and grew happiness) । ପରେ ଜିଆନ୍ ତାଙ୍କର ଜଣେ ଆମେରିକାନ୍ ପ୍ରଶଂସକଙ୍କ ପାଖକୁ ଲେଖିଥିଲେ, ''ବଉଫିଏର୍ ଚରିତ୍ର ମାଧ୍ୟମରେ ମୁଁ ଲୋକଙ୍କର ଗଛ, ବିଶେଷ କରି ଗଛ ରୋପିବା, ପ୍ରତି ଅଧିକ ଆଦର ବଢ଼ାଇବା ପାଇଁ ଚେଷ୍ଟା କରିଥିଲି ।'' ଅଳ୍ପ କିଛି ବର୍ଷ ଭିତରେ ବହିଟି ପୃଥିବୀ ସାରା ଏତେ ଆଦୃତ ହୋଇଥିଲା ଯେ, ଏହା ଡଜନରୁ ଅଧିକ ଭାଷାରେ ଅନୁଦିତ ହୋଇଥିଲା । ଏବେ ଭାରତରେ ମଧ୍ୟ

ଏହା ଯଥେଷ୍ଟ ଆଦର ପାଇଲାଣି ଓ ଅନେକ ଭାଷାରେ ଏହା ଅନୁଦିତ ହୋଇ ସାରିଲାଣି । ବହିଟିର ବିଷୟବସ୍ତୁ ଓ ଆଶାବଦୀ ଦୃଷ୍ଟିକୋଣ ଆମ ଭାଷାରେ ବି ଏହି ମଞ୍ଜିଟି ଗଜେଇ ଉଠିବାରେ ଉତ୍ସାହ ଯୋଗାଇଛି ।

ବହିଟିର ଆରମ୍ଭରେ ହିଁ ଜିଆନ୍ ଏହି ଦୃଷ୍ଟିକୋଣକୁ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି । ଜଣେ ବ୍ୟକ୍ତିର ଚରିତ୍ରର ବିଶେଷତ୍ୱକୁ ଦର୍ଶାଇବାକୁ ଯାଇ ସେ ନିଃସ୍ୱାର୍ଥପରତା, ଉଦାରତା ଓ ମାନବିକତାକୁ ଗୁରୁତ୍ୱ ଦେଇଛନ୍ତି । ଏହି ଲେଖାଟି ତାଙ୍କର ସବୁଠୁ ବଡ଼ କୃତୀ । ଏହା ମାଧ୍ୟମରେ ସେ ପୃଥିବୀରେ ତାଙ୍କ ଛାପଟି ଛାଡ଼ିଯାଇଛନ୍ତି । କାରଣ, ଏଥିପାଇଁ ସେ କୌଣସି ପାରିଶ୍ରମିକ ପାଇ ନଥିଲେ, ବରଂ ଏହା ଅନ୍ୟମାନଙ୍କ ଭଲ ପାଇଁ ଉଦ୍ଦିଷ୍ଟ ଥିଲା । ଜିଆନ୍‌ଙ୍କ ନିଜ ଭାଷାରେ ''ଏହା ମୋର ସବୁଠୁ ଭଲ ଗପ ବୋଲି ମୁଁ ଗର୍ବ କରିପାରେ । ଏଥିପାଇଁ ମୁଁ କୌଣସି ପାରିଶ୍ରମିକ ପାଇନାହିଁ । କିନ୍ତୁ ଯେଉଁଥିପାଇଁ ଏହାକୁ ଲେଖିଥିଲି, ଏହା ତାର ଉଚିତ ମୂଲ୍ୟ ପାଇପାରିଛି ।''

ବହିଟି ପ୍ରକୃତରେ ପୂରାପୂରି କାଳ୍ପନିକ ନୁହେଁ । ଏହା ଲେଖକଙ୍କର ଏକ ଅନୁଭୂତିକୁ ଆଧାର କରି ହିଁ ଲେଖାଯାଇଥିଲା । ଏହାକୁ ଲେଖିବାର ବର୍ଷକ ଆଗରୁ ଜୁଲିଅସ୍ ସିଜର୍‌ଙ୍କ ପ୍ରାଚୀନ୍ ରୋମାନ୍ ଅଂଚଳରେ ବୁଲୁବୁଲୁ ଲେଖକ ଏପରି ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ । ପ୍ରଥମ ଦେଖାରେ ସେ ଥିଲେ ଜଣେ ମେଣ୍ଢା ଜଗୁଆଳ । କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧ ପର ଦେଖାବେଳକୁ ସେ ମହୁମାଛି ପାଳି ଓ ଗଛ ରୋପି ଏହି ମରୁଭୂଇଁଟିରେ ଏକ ସବୁଜ ସ୍ୱର୍ଗ ରଚିବାର ପ୍ରୟାସ ଚଳାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେଠାରେ ପାଣିକୁ ସଞ୍ଚା ଯାଇ ପାରିଥିଲା । ଲାଗୁଥିଲା ଯେପରି ସେ ଏକ ଭଗବତ୍ ସ୍ପର୍ଶରେ ନୂଆ ଜୀବନର ଧାରା ରଚି ଚାଲିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଏହି ସବୁଜ ଭୂଇଁରେ ଖୁସି ମଣିଷଙ୍କର ଏକ ବସତି ଗଢ଼ି ଉଠିଥିଲା । ଏକକ ଉଦ୍ୟମରେ ଏହି ସ୍ୱର୍ଗ ରଚନା ଲେଖକଙ୍କୁ ବି ପରମ ତୃପ୍ତି ଓ ଆଶା ଆଣି ଦେଇଥିଲା ।

ଜିଆନ୍‌ଙ୍କ ରଚନାବଳୀଗୁଡ଼ିକର ବିଶେଷତ୍ୱ ଏହା । ଯୁବ ବୟସରୁ ପ୍ରତ୍ୟେକ ଲେଖାରେ ସେ ଏପରି ଅନେକ ଆଶାର ମଞ୍ଜି ହିଁ ବୁଣି

ଯାଇଥିଲେ । ଅଧିକାଂଶ ଲେଖାରେ ସେ ଏପରି ଏକକ ଓ ନୀରବ ସାଧନାର ପ୍ରଶଂସା କରିଥିଲେ । ସେ ଆଶା କରୁଥିଲେ ଏପରି ମାନବିକ ସାଧନା ହିଁ ମଣିଷକୁ ଈଶ୍ୱରଙ୍କର ନିକଟବର୍ତ୍ତୀ କରାଇ ପାରିବ । ଅଧିକାଂଶ ଜଣାଶୁଣା ଲେଖକଙ୍କ ଲେଖାରେ ଆମେ ଜୀବଜନ୍ତୁଙ୍କ ପ୍ରତି ସ୍ନେହ ଓ ଯତ୍ନର ବର୍ଣ୍ଣନା ଦେଖିବାକୁ ପାଇଥାନ୍ତି । କିନ୍ତୁ ଜିଆନ୍ ଥିଲେ ସୃଷ୍ଟିପ୍ରେମୀ ଓ ଜୀବନପ୍ରେମୀ । ସେ ଉଭୟ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତକୁ ଏକା ଆଖିରେ ଦେଖୁଥିଲେ । ଲେଖା ମାଧ୍ୟମରେ ସେ ଏହି ବିଚାରଧାରାଟିକୁ ଗୁରୁତ୍ୱ ଦେଉଥିଲେ । ସେ ବୁଝିଥିଲେ ଯେ, ଗଛ ସମାଜ ନୀରବ ଭାବରେ ଜୀବଜଗତକୁ ବଞ୍ଚିବାକୁ ଦେଇଛି । ଜୀବଜଗତର ପ୍ରତ୍ୟେକ ମୌଳିକ ଆବଶ୍ୟକତା ଓ ସୁବିଧା ଗଛ ଉପରେ ହିଁ ନିର୍ଭର କରେ । ଗଛ ବିନା ଜୀବଜଗତ ବଞ୍ଚିବା ବି ସମ୍ଭବପର ନୁହେଁ ।

ତାଙ୍କର ଅନେକ ବହିରେ ବି ଏହି ବିଚାରଧାରାର ଛାପ ଦେଖିବାକୁ ମିଳେ । ବହିରେ ସେ ଏପରି ଏକ କାହାଣୀ ଲେଖିଥିଲେ । ଜଣେ ଗାଉଁଲି ବୁଢ଼ା ଥିଲେ । କିଛି ଟଙ୍କା ପାଇଁ ସେ ତାଙ୍କ ପଡ଼ୋଶୀଙ୍କୁ ତାଙ୍କର ଅତି ପ୍ରିୟ ବଗିଚାଟିକୁ ବିକିବାକୁ ବାଧ୍ୟ ହେଲେ । ଦିନେ ପଡ଼ୋଶୀ ଭାବିଲେ, ବଗିଚାର ଗଛଗୁଡ଼ିକ ପୁରୁଣା ଓ ରୋଗିଣା ହୋଇ ଗଲେଣି । ସେ ଏଗୁଡ଼ିକୁ କାଟିବାକୁ ବାହାରିଲେ । ଏହି ପରିସ୍ଥିତିରେ ଲେଖକ ନିଜର ଗଛ ପ୍ରତି ଗଭୀର ପ୍ରୀତିକୁ ଫୁଟାଇଛନ୍ତି । ବହିଟିର ମୁଖ୍ୟ ଚରିତ୍ର-ବୁଢ଼ାଜଣକ ଅଧୀର ହୋଇ ଉଠିଛନ୍ତି । ଗୋଟିଏ ପଟେ ସ୍ତ୍ରୀଙ୍କର ଟଙ୍କା ପ୍ରତି ଲୋଭ । ତେଣେ ଗଛଗୁଡ଼ିକ ପାଇଁ ସେ ଜୀବନ ଦେଇ ଦେବା ପାଇଁ ମଧ୍ୟ ପ୍ରସ୍ତୁତ । ସେ ଜଣ ଜଣ କରି ସମସ୍ତଙ୍କୁ କହୁଥାନ୍ତି : ଏଗୁଡ଼ିକ ତାଙ୍କ ଯତ୍ନରେ ବଢ଼ିଥିବା ଗଛ-ଯାହାଙ୍କୁ ସେ ନିଜ ହାତରେ ରୋପିଥିଲେ, ପାଣି ଦେଇଥିଲେ ଓ ଆଦରିଥିଲେ......

ତାଙ୍କର "କାଠ କଟାଳୀଙ୍କ ଦେଶେ" ନାମକ ଏକ ଗପ ବହିରେ ବି ଏହି ମର୍ମ ରହିଛି । ଜଣେ ଯୁବ ପଶୁପାଳକ ଦିନେ ତାଙ୍କର ଜଣେ ପାହାଡ଼ି ସାଙ୍ଗକୁ ଭେଟିବାକୁ ଆସନ୍ତି । ସେତିକି ବେଳେ ପାହାଡ଼ି ସାଙ୍ଗ

ଲଗାତାର କାନ୍ଦୁଥାନ୍ତି । ତାଙ୍କ ସ୍ତ୍ରୀଙ୍କ ଅଳିରେ ବାଧ୍ୟ ହୋଇ ଦୁଇ ସାଙ୍ଗ ଦୂର ଉପତ୍ୟକାକୁ ଯାଇ ଗୋଟିଏ ଗଛ ଓପାଡ଼ି ଆଣନ୍ତି । ଏହାକୁ ସେମାନେ ସାଙ୍ଗଟିର ଘର ସାମନାରେ ପୋତି ଦିଅନ୍ତି । ଏହି ଅଂଚଳଟିର ଶୁଖିଲା ପବନ ବାଜି ଗଛରୁ ସୁନ୍ଦର ଧ୍ୱନି ସୃଷ୍ଟି ହୁଏ । ମନେହୁଏ ଯେପରି ସ୍ୱର୍ଗରେ ଧାରେ ପାଣି ବୋହିଯାଉଛି । ଏହି ମଧୁର ତାନ ଶୁଣି ସାଙ୍ଗର ସ୍ତ୍ରୀ ଖୁସିରେ ଉଲୁସି ଉଠନ୍ତି । ତାଙ୍କ କୁନି ପୁଅ ଗଛଟିର ମଧୁର ଶୀତଳ ଛାଇରେ ବଢ଼ି ଚାଲେ । କ୍ରମଶଃ ଉଭୟ ସ୍ୱାମୀ, ସ୍ତ୍ରୀ ଆଖି ବୁଜନ୍ତି । ପୁଅ ଯୁଦ୍ଧ କ୍ଷେତ୍ରକୁ ଚାଲିଯାଏ । ସେ ଆଉ ଫେରେ ନାହିଁ । କିନ୍ତୁ ଗଛଟି ଏବେ ବି ସେଠାରେ ରହିଛି ।

ଏହି ବହିଟିର କାହାଣୀ ବି ସମଧର୍ମୀ ଓ ଉତ୍ସାହପ୍ରଦ । ଏହି କାହାଣୀଟିରେ ଲେଖକ ପୁନଃ-ବନୀକରଣ ମାଧ୍ୟମରେ ସାରା ପୃଥିବୀରେ ଏକ ନୂଆ ଜୀବନ ସଞ୍ଚାରିବାର ସ୍ୱପ୍ନ ଦେଖାଇଛନ୍ତି । କାହାଣୀଟିର ଶେଷ ଭାଗରେ ଶୁଖା ଭୂଇଁରେ ପୁଣି ଝରଣା ଛୁଟାଇଛନ୍ତି । ଏହି ଝରଣା ବି ବେଶ୍ ପ୍ରତୀକଧର୍ମୀ । ଏହା କେବଳ ରଚନାର ଝରଣା ନୁହେଁ । ବରଂ ଏକ ଗଭୀର ଆଶାଭରା ଝରଣା, ଯାହା ତାଙ୍କ ବିଚାରରେ, ବହିବ ହିଁ ବହିବ ।

ତାଙ୍କ ସମୟରେ ଜିଆନ୍ ଥିଲେ ପୃଥିବୀର ଜଣେ ବିଖ୍ୟାତ ଓ ଆଦୃତ ଲେଖକ । ସେ ଅନେକ ସମ୍ମାନୀୟ ପୁରସ୍କାର ପାଇଥିଲେ । ଜଣେ ଲେଖକଙ୍କ କୃତୀର ଆୟୁଷରୁ ହିଁ ଲେଖକଙ୍କର ଗଭୀରତା ଜଣାପଡ଼ିଥାଏ । ସେ ଲେଖିଥିବାର ବହିଗୁଡ଼ିକ ଏବେ ବି ନୂଆ କଳେବରରେ ପ୍ରକାଶ ଲାଭ କରୁଛି । ୧୯୫୪ରେ ସେ ଲେଖିଥିବା ଏହି ବହିଟି ଆମେ ଏବେ ପଢ଼ିବାର ସୁଯୋଗ ପାଉଛେ । ଏତେ ଲମ୍ବା ସମୟ ଧରି ଆଦର ପାଉଥିବା ତାଙ୍କ ବିଚାରଧାରା ଓ ରଚନା ହିଁ ତାଙ୍କର ବ୍ୟକ୍ତିତ୍ୱର ମାପକାଠି ।

ତାଙ୍କର ବିଚାରଧାରା ଆଜି ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଆମେ ବି ଗଛ ଓ ଜୀବନ ପ୍ରତି ଏପରି ମାନବିକ ଦୃଷ୍ଟି ରଖି ପାରିବା କି ?

ବିନୟକୃଷ୍ଣ ପଟ୍ଟନାୟକ